# ପାଠ 13



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

***ଯୀଶୁ ସୁସ୍ଥ କରନ୍ତି***

## ବାଇବଲ କାହାଣୀ

ଯୀଶୁ ସୁସ୍ଥ କରନ୍ତି

***ଯୀଶୁ ସୁସ୍ଥ କରୁଥିବା ବିଷୟ ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ ।***

**ସୁସମ୍ବାଦ କାହାଣୀ ପୁସ୍ତକ ଷଷ୍ଠ ଖଣ୍ଡ ।** ପୃଷ୍ଠା 2-15 । *ଯୀଶୁ ସୁସ୍ଥ କରନ୍ତି ।*

ପିଲାଙ୍କୁ ନେଇ କାହାଣୀ ଉପରେ ଏକ ନାଟକ ଉପସ୍ଥାପନ କରନ୍ତୁ । ପିଲାଙ୍କୁ ବୁଝାଇ କହନ୍ତୁ, ଆମେ ସମସ୍ତେ ଏକାଠି 'ଯୀଶୁ ସୁସ୍ଥ କରନ୍ତି' ଶୀର୍ଷକ ଏକ ନାଟକ ପ୍ରସ୍ତୁତ କରିବାକୁ ଯାଉଛୁ ।

ପୃଷ୍ଠା 2-15 ଥିବା କାହାଣୀ ପଢ଼ି, କାହାଣୀ *ପୁସ୍ତିକାର ଷଷ୍ଠ ଖଣ୍ଡରୁ* ଚିତ୍ରସବୁ ଦର୍ଶାଇ ଦିଅନ୍ତୁ ।

ପିଲାଙ୍କୁ କାହାଣୀ ମଧ୍ୟରୁ ପ୍ରଶ୍ନ ପଗ୍ଚରନ୍ତୁ । ଯଦି ଗୋଟିଏ ପିଲା ଭୁଲ ଉତ୍ତର ଦିଏ, 'ଚେଷ୍ଟା କରିଛ, ଭଲ କଥା, କିନ୍ତୁ ମୁଁ ଖୋଜୁଥିବା ଉତ୍ତର ଏହା ନୁହେଁ,' ବୋଲି କହନ୍ତୁ । ଯଦି ଜଣେ ସଠିକ୍ ଉତ୍ତର ଦିଏ, ତେବେ 'ଠିକ୍! ଭଲ କହିଛ!' କହନ୍ତୁ । ଠିକ୍ ଉତ୍ତର ପାଇବା ପର୍ଯ୍ୟନ୍ତ ପ୍ରଶ୍ନଟି ପଗ୍ଚରୁଥାଆନ୍ତୁ ।

ନିମ୍ନରେ କେତୋଟି ପ୍ରଶ୍ନ ଦିଆଗଲା, ଆପଣ ସେସବୁ ପଗ୍ଚରି ପାରନ୍ତି ।

**ସାହାଯ୍ୟ ପାଇଁ ଯାଇରସ୍ କାହା ନିକଟକୁ ଯାଇଥିଲା ?** ଯୀଶୁଙ୍କ ପାଖକୁ ।

**'ଆପଣ ସ୍ପର୍ଶ କଲେ, ସେ ସୁସ୍ଥ ହେବ', ଏ କଥା ଯାଇରସ୍ କାହାକୁ କହିଲେ ?** ଯୀଶୁଙ୍କୁ ।

**'ଆପଣ ସ୍ପର୍ଶ କଲେ, ସେ ବଞ୍ଚିବ', ଏ କଥା ଯାଇରସ୍ କାହାକୁ କହିଲେ ?** ଯୀଶୁଙ୍କୁ ।


**'ଯୀଶୁଙ୍କ ନିକଟରୁ ଗୋଟିଏ ସ୍ପର୍ଶ ପାଇ ମୁଁ ସୁସ୍ଥ ହେଲି,' ଏ କଥା କିଏ କହିଥିଲା ?** ନାରୀ ଲୋକଟି ।


**ଯେଉଁ ଛୋଟ ଝିଅଟି ଅସୁସ୍ଥ ଥିଲା ଓ ବର୍ତ୍ତମାନ ମରିଯାଇଛି, ଯୀଶୁ ତା'କୁ କ'ଣ କହିଲେ ?** ଛୋଟ ଝିଅ, ଉଠ !

**ମରିଯାଇଥିବା ଛୋଟ ଝିଅ ସହିତ ଯୀଶୁ କଥା କହିବା ପରେ କ'ଣ ହେଲା ?** ସେହିକ୍ଷଣି ଛୋଟ ଝିଅଟି ଜୀବନପ୍ରାପ୍ତ ହେଲା !

**ଅନ୍ଧକାର ଶକ୍ତିକୁ ଦୂର କରିବା ପାଇଁ କିଏ ସକ୍ଷମ ଅଟନ୍ତି ?** ଯୀଶୁ ।

# ପାଠ 13





## ଅଭିନୟ ସଙ୍ଗୀତ

***ଯୀଶୁ ସୁସ୍ଥ କରୁଥିବା ବିଷୟ ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ ।***

ଯୀଶୁ ନାମ ପ୍ରିୟ ନାମ
ଯୀଶୁ ନାମ ମଧୁ ନାମ (ହାଲେଲୁୟା)
ଯୀଶୁ ନାମେ ଅଛି ଅନନ୍ତ ଜୀବନ (x2)
ଯୀଶୁ ନାମେ ପରିତ୍ରାଣ (ଘୋଷା)
ଯୀଶୁ ନାମେ ଛୋଟା ଚାଲେ
ଯୀଶୁ ନାମେ ଘୁଙ୍ଗା ବୋଲେ
ଯୀଶୁ ନାମେ ଅନ୍ଧ ଦେଖେ
ଯୀଶୁ ନାମେ ମୃତ ଜାଗେ
ଯୀଶୁ ନାମ ଦିଏ ତ୍ରାଣ
କର ତାଙ୍କ ଜୟଗାନ |

ଯୀଶୁ ସୁସ୍ଥ କରନ୍ତି

## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***'ଯୀଶୁ ସୁସ୍ଥ କରନ୍ତି,' ବିଷୟ ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ-ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ***

ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଗୋଟିଏ ପିଲାଙ୍କୁ ଡାକନ୍ତୁ । ପିଲାଟି ଆଗକୁ ଆସି, ଆପଣଙ୍କୁ ପଛ କରି, ସବୁ ପିଲାଙ୍କ ସମ୍ମୁଖରେ ଠିଆ ହେବ । ପିଲାକୁ ପଛୁଆ ପଡ଼ିଯିବାକୁ କହନ୍ତୁ, ଏବଂ ଆପଣ (ଶିକ୍ଷକ) ତା'କୁ ଧରିବେ ।

ପିଲାଟିକୁ ଧରିବା ପରେ, ଆପଣ ସରଳରେ ବୁଝାଇବେ, ସେଇ ପିଲାଟି ଆପଣଙ୍କୁ ଭଲରେ ଜାଣେ ଓ ଆପଣଙ୍କଠାରେ ବିଶ୍ୱାସ କରେ । ସେ ଜାଣିଥିଲା ଓ ବିଶ୍ୱାସ କରିଥିଲା, ନିଶ୍ଚୟ ଆପଣ ତା'କୁ ତୋଳି ଧରିବେ ବୋଲି । ଠିକ୍ ଏହା ଯାଇରସ୍ ଓ ନାରୀର କାହାଣୀର ଘଟଣା ପରି ଅଟେ । ସେମାନେ ଉଭୟେ ଯୀଶୁଙ୍କୁ ଜାଣିଥିଲେ ଓ ତା'ଙ୍କଠାରେ ବିଶ୍ୱାସ କରିଥିଲେ । ସେମାନେ ଉଭୟେ ଜାଣିଥିଲେ ଓ ବିଶ୍ୱାସ କଲେ ଯେ, ଯୀଶୁ ସୁସ୍ଥ କରନ୍ତି ।

**ସାକ୍ଷ୍ୟ ଦିଅନ୍ତୁ:** ସୃଷ୍ଟିକର୍ତ୍ତା ଈଶ୍ୱର ଆପଣଙ୍କୁ କେମିତି ସୁସ୍ଥତା ପ୍ରଦାନ କରିଥିଲେ, ସେହି ବିଷୟ ପିଲାଙ୍କୁ କହି, ସବୁ କିଛି ଦର୍ଶାଇ ଦିଅନ୍ତୁ, କିମ୍ବା ଆପଣ ଯଦି କୌଣସି ବ୍ୟକ୍ତିଙ୍କ ଶାରୀରିକ ବା ମାନସିକ ଅସୁସ୍ଥତା ବିଷୟ ଜାଣନ୍ତି, ଯିଏ ବର୍ତ୍ତମାନ ସୁସ୍ଥ ହୋଇଅଛନ୍ତି, ଯୀଶୁ ତା'ଙ୍କୁ ସୁସ୍ଥତା ଦେଇଛନ୍ତି । ସେମାନଙ୍କୁ ଏହି କାର୍ଯ୍ୟକ୍ରମକୁ ଡ଼ାକି ପିଲାଙ୍କ ଆଗରେ ସେହି ସାକ୍ଷ୍ୟ ଦେବା ପାଇଁ କହନ୍ତୁ ।

ସୃଷ୍ଟିକର୍ତ୍ତା ଈଶ୍ୱର ତା'ଙ୍କୁ କିପରି ସୁସ୍ଥତା ପ୍ରଦାନ କଲେ, ତାହା ପ୍ରାଞ୍ଜଳ ଭାବରେ ବୁଝାଇ ଦିଅନ୍ତୁ ।

## ବାଇବଲର ମୁଖସ୍ଥ ପଦ ଧନ୍ଦା

***'ଯୀଶୁ ସୁସ୍ଥ କରନ୍ତି,' ବିଷୟ ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ ।***

**ଲୂକ 6:19** *'ସମସ୍ତ ଲୋକେ ତାହାଙ୍କୁ ଛୁଇଁବାକୁ ଚେଷ୍ଟା କରୁଥିଲେ । କାରଣ ତାହାଙ୍କ ଦେହରୁ ଶକ୍ତି ବାହାରୁ ଥିଲା । ସେ ସେହି ଲୋକମାନଙ୍କୁ ସୁସ୍ଥ କରିଦେଲେ ।'*

# ପାଠ 13

## ଯୀଶୁ ସୁସ୍ଥ କରନ୍ତି

### ବିନା ଶବ୍ଦର ପ୍ରତିଯୋଗିତା

ପିଲାଙ୍କୁ ଦୁଇ ଦଳରେ ଭାଗ କରନ୍ତୁ । ପ୍ରଥମ ଦଳକୁ ନେତା ଚୟନ କରିବାକୁ କହନ୍ତୁ । ପ୍ରଥମ ଦଳର ନେତା ଆଗକୁ ଆସିବା ପରେ ମୁଖସ୍ଥ ପଦର ପ୍ରଥମ ଭାଗ, ଅର୍ଥାତ୍ 'ସମସ୍ତ ଲୋକେ ତାହାଙ୍କୁ ଛୁଇଁବାକୁ ଚେଷ୍ଟା କରୁଥିଲେ ।  (ଯୀଶୁଙ୍କୁ),' ଆପଣ ଧୀରେ ତା'କୁ କହିବେ । ଅନ୍ୟ କେହି ଯେପରି ନ ଶୁଣେ ସେଥିପ୍ରତି ଯତ୍ନଶୀଳ ହେବେ । ନାଟକୀୟ ଅଭିନୟ (କୌଣସି କଥା ନ କହି) କରିବାକୁ ପ୍ରଥମ ଦଳର ନେତାକୁ କହନ୍ତୁ । ପ୍ରଥମ ଦଳର ପିଲାଏ ଅନୁମାନ କରି ବାକ୍ୟଟି କହିବାକୁ ଚେଷ୍ଟା କରନ୍ତୁ ।

କିଛି ସମୟ ମଧ୍ୟରେ ଯଦି ପ୍ରଥମ ଦଳ ତାହା କରିପାରି ନାହାନ୍ତି, ତେବେ ଦ୍ୱିତୀୟ ଦଳର ପିଲାମାନଙ୍କୁ ଅନୁମାନ କରି କହିବା ପାଇଁ ପଚ୍ଚାରନ୍ତୁ । କିଛି ସମୟ ମଧ୍ୟରେ ଯଦି ଦ୍ୱିତୀୟ ଦଳର ପିଲାମାନେ ବାକ୍ୟଟି ଅନୁମାନ କରି କହି ନ ପାରନ୍ତି, ପିଲାଙ୍କୁ କିଛି ସୂଚନା ଦିଅନ୍ତୁ ଯେପରି ସେମାନେ ଅନୁମାନ କରିପାରିବେ ।

ଆପଣ ପିଲାଙ୍କୁ ବାକ୍ୟଟି କହିସାରିବା ପରେ, କିମ୍ବା ଯଦି ସେମାନେ ସଠିକ୍ ଅନୁମାନ କରି କହିଛନ୍ତି, ତେବେ ଦ୍ୱିତୀୟ ଦଳର ନେତା ଆଗକୁ ଆସିବ । ଆପଣ ମୁଖସ୍ଥ ପଦର ଦ୍ୱିତୀୟ ଭାଗ, ଦ୍ୱିତୀୟ ଦଳର ନେତାକୁ 'କାରଣ ତାହାଙ୍କ ଦେହରୁ ଶକ୍ତି ବାହାରୁ ଥିଲା ।  (ଯୀଶୁଙ୍କ)', କହିବେ । ଅନ୍ୟମାନେ ଯେମିତି ନ ଶୁଣନ୍ତି, ସେଥିପ୍ରତି ଆପଣ ଯତ୍ନଶୀଳ ହେବେ । ଦ୍ୱିତୀୟ ଦଳର ନେତାକୁ କହନ୍ତୁ, (କଥା ନ କହି) ମୁଖସ୍ଥ ପଦର ଉପରେ, ଏକ ନାଟକୀୟ ଅଭିନୟ କରିବାକୁ । ଦ୍ୱିତୀୟ ଦଳର ପିଲାମାନେ ଅନୁମାନ କରି ପଦଟି କହିବାକୁ ଚେଷ୍ଟା କରନ୍ତୁ ।

କିଛି ସମୟ ମଧ୍ୟରେ ଯଦି ଦ୍ୱିତୀୟ ଦଳ ଅନୁମାନ କରି କହି ନ ପାରନ୍ତି, ପ୍ରଥମ ଦଳର ପିଲାଙ୍କୁ ଅନୁମାନ କରି କହିବା ପାଇଁ ପଚ୍ଚାରନ୍ତୁ । ଯଦି ସେମାନେ ମଧ୍ୟ କହି ନ ପାରନ୍ତି, ତେବେ ପିଲାଙ୍କୁ କିଛି ସୂଚନାତ୍ମକ ସୁରାକ୍ ଦିଅନ୍ତୁ ।

ଆପଣ ବାକ୍ୟଟି ପିଲାଙ୍କୁ କହିବା ପରେ ବା ସେମାନେ ଅନୁମାନ କରି ସଠିକ୍ କହିବା ପରେ ପିଲାଙ୍କୁ ମୁଖସ୍ଥ ପଦର ଶେଷ ଭାଗ, 'ସେ ସେହି ଲୋକମାନଙ୍କୁ ସୁସ୍ଥ କରିଦେଲେ"  କହନ୍ତୁ ।

ଆପଣ ପିଲାଙ୍କୁ ମୁଖସ୍ଥ ପଦ ପୁରା ଭାବରେ ପଚ୍ଚାରନ୍ତୁ ।

## ବ୍ୟବହାରିକ କାର୍ଯ୍ୟକାରିତା


***ଯୀଶୁ ସୁସ୍ଥ କରନ୍ତି, ଭାବଧାରାର କାର୍ଯ୍ୟକାରିତା ବ୍ୟବହାର କରନ୍ତୁ***

**ପିଲାଙ୍କୁ ପଚ୍ଚାରନ୍ତୁ, ଯଦି ସେମାନଙ୍କ ମଧ୍ୟରୁ କେହି ପୀଡ଼ିତ ଓ ଯୀଶୁ ତାକୁ ସୁସ୍ଥ କରନ୍ତୁ ବୋଲି ଚାହାନ୍ତି?**

ସେହିପରି, ଯେଉଁ ପିଲାମାନେ ଅସୁସ୍ଥ ଅଛନ୍ତି ଓ 'ଯୀଶୁ ସେ ସମସ୍ତଙ୍କୁ ସୁସ୍ଥ କରନ୍ତୁ,' ଏହା ଚାହାଁନ୍ତି ଏବଂ ପ୍ରାର୍ଥନା ଆବଶ୍ୟକ କରନ୍ତି । ଏହି ସ୍ଥଳରେ, ସବୁ ପିଲାଙ୍କୁ ନିର୍ଦ୍ଦେଶ ଦିଅନ୍ତୁ, ଯେପରି ସେମାନେ ପୀଡ଼ିତ ଥିବା ପିଲାଙ୍କ ପାଇଁ ପ୍ରାର୍ଥନା କରିବେ । ଆପଣ ମଧ୍ୟ ପିଲାଙ୍କ ସହିତ ମିଶି ଈଶ୍ୱରଙ୍କ ଆତ୍ମାଙ୍କ ସାହାଯ୍ୟରେ ତଥା ନେତୃତ୍ୱରେ ଯେମିତି ପ୍ରାର୍ଥନା କରିବେ, ସେଥିପାଇଁ ଯତ୍ନଶୀଳ ହେଉନ୍ତୁ ।

**ପ୍ରାର୍ଥନା:** ଯୀଶୁଙ୍କ ନାମରେ ଆପଣ ଧନ୍ୟବାଦ ଓ ପ୍ରଶଂସା ସହିତ ପ୍ରାର୍ଥନା ଶେଷ କରନ୍ତୁ ।

# ପାଠ 14



## ଶିକ୍ଷାର ଏକ କୈନ୍ଦ୍ରିକ ଲକ୍ଷ୍ୟ

*ଯୀଶୁ ତୁମକୁ ମୁକ୍ତି ଦିଅନ୍ତି!*

ଯୀଶୁ ତୁମକୁ ମୁକ୍ତି ଦିଅନ୍ତି!

## ବାଇବଲ କାହାଣୀ

***ଯୀଶୁ ତୁମକୁ ମୁକ୍ତି ଦିଅନ୍ତି, ବିଷୟ ଶିକ୍ଷା ଦେଉଥିବା କାହାଣୀ ବ୍ୟବହାର କରନ୍ତୁ!***

**ସୁସମ୍ବାଦ କାହାଣୀ ପୁସ୍ତିକା ଷଷ୍ଠ-ଖଣ୍ଡ ।** ପୃଷ୍ଠା 16-21 । *ମୁଁ ମୁକ୍ତି ପାଇଛି ।*

**ଉପକରଣ:** ଅଙ୍କନ କରିବାକୁ କଳାପଟା ଓ ଚକ୍ ଖଡ଼ି, ବା ମାଟି ଓ କାଠି ବା କାଗଜ ଓ ପେନ୍‌ସିଲ୍; ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପଟା ବା କାଗଜ, ପେନ୍‌ସିଲ୍ ଓ ରବର୍ ।



ଚିତ୍ର ଅଙ୍କନ କରି କାହାଣୀ କହନ୍ତୁ । ପ୍ରତ୍ୟେକ ପୃଷ୍ଠା ପଢ଼ି ପିଲାଙ୍କୁ ଗୋଟିଏ ଲେଖାଏଁ ପ୍ରଶ୍ନ ପଚାରନ୍ତୁ ।

1, 2, 3 କାହାଣୀ ଆରମ୍ଭ କରନ୍ତୁ...

ଅନ୍ୟ ଏକ ଦିନ, ଅନ୍ୟ ଏକ ସମୟ, ଅନ୍ୟ ଏକ ସ୍ଥାନ । ଯୀଶୁ ଓ ତାଙ୍କ ଅନୁଗମନକାରୀମାନେ ନଦୀ ଆରପାରିକି ଯାଉଥିବା ମୁଁ ଦେଖିପାରୁଛି । ଘୁଷୁରିମାନଙ୍କୁ ନଦୀ ପାଖରେ ଠିଆହୋଇଥିବାର ମୁଁ ଦେଖିପାରୁଛି ।


ସେଠାରେ ଜଣେ ପୁରୁଷକୁ ମୁଁ ଦେଖିପାରୁଛି । ସେହି ପୁରୁଷ ମଧ୍ୟରେ ଅନେକ ମନ୍ଦ ଆତ୍ମାଅଛି । ସେହି ପୁରୁଷ ମଧ୍ୟରେ ଥିବା ମନ୍ଦ ଆତ୍ମାସବୁକୁ ଯୀଶୁ ତା' ମଧ୍ୟରୁ ବାହାରି ଯିବାକୁ କହୁଥିବା ମୁଁ ଶୁଣିପାରୁଛି । ଯଥା : 'ଏହି ଲୋକ ମଧ୍ୟରୁ ତୁମେସବୁ ବାହାରିଆସି ନଦୀ ପାର୍ଶ୍ୱରେ ଥିବା ଠିଆହୋଇଥିବା ଘୁଷୁରିମାନଙ୍କ ଭିତରେ ପ୍ରବେଶ କର ।' ଅନେକ ମନ୍ଦ ଆତ୍ମା ସେହି ପୁରୁଷ ମଧ୍ୟରୁ ବାହାରି ଠିଆହୋଇଥିବା ଘୁଷୁରିମାନଙ୍କ ମଧ୍ୟରେ ପ୍ରବେଶ କରୁଥିବା ମୁଁ ଦେଖିପାରୁଛି । ଘୁଷୁରିମାନେ ନଦୀ ମଧ୍ୟକୁ ଦୌଡ଼ି ଯାଉଥିବା ମୁଁ ଦେଖିପାରୁଛି । ତଦ୍ଦ୍ୱାରା ସମସ୍ତ ଘୁଷୁରି ମରିଯାଇଛନ୍ତି । ସେହି ପୁରୁଷକୁ ଯୀଶୁଙ୍କ ଉଦ୍ଦେଶ୍ୟରେ ଗାନ କରୁଥିବା ମୁଁ ଶୁଣିପାରୁଛି । ସେହି ପୁରୁଷକୁ ଯୀଶୁ ଏପରି କହୁଥିବା ମୁଁ ଶୁଣିପାରୁଛି, 'ସୃଷ୍ଟିକର୍ତ୍ତା ପରମେଶ୍ୱର ଯେ ସମସ୍ତ ତୁମ ପାଇଁ ସାଧନ କଲେ, ତାହା ଅନ୍ୟ ସମସ୍ତ ଲୋକମାନଙ୍କୁ ଯାଇ କୁହ ।'


ସେହି ପୁରୁଷ ସବୁ ଲୋକମାନଙ୍କୁ ଏପରି କହୁଥିବା ମୁଁ ଶୁଣିପାରୁଛି, 'ଯୀଶୁ ମନ୍ଦଆତ୍ମାମାନଙ୍କୁ ବାହାରିଯିବାପାଇଁ କହିଲେ । ମନ୍ଦଆତ୍ମାଗୁଡିକ ମୋ' ମଧ୍ୟରୁ ବାହାରିଗଲେ । ଯୀଶୁ ମୋତେ ମୁକ୍ତ କରିଅଛନ୍ତି ।' ଯୀଶୁ ଜଗତର ଜ୍ୟୋତିଃ । ଅନ୍ଧକାରକୁ ଦୂର କରିବା ପାଇଁ, କେବଳ ଯୀଶୁଙ୍କ ନିକଟରେ ଶକ୍ତି ଅଛି ।

ସୃଷ୍ଟିକର୍ତ୍ତା ଈଶ୍ୱର ଏହି ସ୍ଥାନରେ ଅଛନ୍ତି !

**କାହାଣୀକୁ ଚିତ୍ର ଭାବରେ ଆଙ୍କିବାକୁ ପିଲାଙ୍କୁ କହନ୍ତୁ ।**

# ପାଠ 14






## ଅଭିନୟ ସଙ୍ଗୀତ

***ଯୀଶୁ ତୁମକୁ ମୁକ୍ତି ଦିଅନ୍ତି, ବିଷୟ ଶିକ୍ଷା ଦେଉଥିବା ଅଭିନୟ ସଙ୍ଗୀତ ବ୍ୟବହାର କରନ୍ତୁ!***

ମୁକ୍ତିଦାତା ଯୀଶୁ ନାମ
ଭଜରେ ପିଲାମାନେ ସେହି ନାମ
ଯୀଶୁ ନାମ ଯୀଶୁ ନାମ
ଯୀଶୁ ନାମ ପିଲାମାନେ ଯୀଶୁ ନାମ | ଘୋଷା |
ଶାନ୍ତି ନାମ ସୁଧା ନାମ
ଯୀଶୁ ନାମ ପିଲାମାନେ ଯୀଶୁ ନାମ
ଦିବ୍ୟ ନାମ ଯୀଶୁ ନାମ
ଯୀଶୁ ନାମ ପିଲାମାନେ ଯୀଶୁ ନାମ
ଶ୍ରେଷ୍ଠ ନାମ ଯୀଶୁ ନାମ
ଯୀଶୁ ନାମ ପିଲାମାନେ ଯୀଶୁ ନାମ



## ଦ୍ରଷ୍ଟବ୍ୟ ବସ୍ତୁ ମାଧ୍ୟମରେ ଶିକ୍ଷା

***ଯୀଶୁ ତୁମକୁ ମୁକ୍ତି ଦିଅନ୍ତି, ଭାବଧାରା ଶିକ୍ଷା ଦେଉଥିବା ଦ୍ରଷ୍ଟବ୍ୟ-ବସ୍ତୁ ମାଧ୍ୟମ ବ୍ୟବହାର କରନ୍ତୁ!***

**ଉପକରଣ:** ସୂତା, ଅନ୍ଧପୁଟୁଳି।

ଦୁଇଟି ପିଲାଙ୍କୁ ଆପଣ ସାହାଯ୍ୟ ପାଇଁ ଡ଼ାକିବେ। ଜଣେ 'ଯୀଶୁ'ଙ୍କ ଅଭିନୟ କରୁଥିବା ଛଳନା କରିବ (ସେଇ ପିଲା ଆଡ଼କୁ ନିର୍ଦ୍ଦେଶ ଦିଅନ୍ତୁ) ଏବଂ ଅନ୍ୟ ପିଲାଟି (ଅନ୍ୟ ପିଲା ଆଡ଼କୁ ନିର୍ଦ୍ଦେଶ କରନ୍ତୁ), ଅନେକ ମନ୍ଦ ଆତ୍ମା ବିଶିଷ୍ଟ ଲୋକର ଅଭିନୟ କରୁଥିବା ଛଳନା କରିବ।

ଅନେକ ମନ୍ଦ ଆତ୍ମା ବିଶିଷ୍ଟ ଲୋକର ଅଭିନୟ କରୁଥିବା ପିଲାକୁ ବାନ୍ଧି, ତା'ର ଦୁଇ ଚକ୍ଷୁରେ ଅନ୍ଧପୁଟୁଳି ଲଗାଇ ରଖନ୍ତୁ। 'ଯେତେବେଳେ ଜଣେ ବ୍ୟକ୍ତି ମନ୍ଦ ଆତ୍ମାରେ ପୂର୍ଣ୍ଣ, ଅନ୍ଧକାର ମଧ୍ୟରେ ହଜି, ଫାନ୍ଦରେ ପଡ଼େ, ଏହିପରି ଅବସ୍ଥା ହୋଇଥାଏ' ବୋଲି ବୁଝାଇ କହନ୍ତୁ।

ଯୀଶୁ ତୁମକୁ ମୁକ୍ତି ଦିଅନ୍ତି!

'ଯୀଶୁ'ଙ୍କ ଅଭିନୟ କରୁଥିବା ପିଲାକୁ କହନ୍ତୁ, ଅନ୍ଧ-ପୁଟୁଳି ଖୋଲି ଦେବାକୁ ଏବଂ ମନ୍ଦ ଆତ୍ମାରେ ପୂର୍ଣ୍ଣ ଅଭିନୟ କରୁଥିବା ପିଲାର ବନ୍ଧା ହୋଇଥିବା ସୂତା ଖୋଲି ଦିଅନ୍ତୁ।

ମହାଆନନ୍ଦରେ କୁଦାମାରି ଯୀଶୁଙ୍କୁ ଧନ୍ୟବାଦ ଅର୍ପଣ କରିବା ପାଇଁ କହନ୍ତୁ।

ଯେତେବେଳେ ଯୀଶୁ ଲୋକଙ୍କୁ ମୁକ୍ତ କରନ୍ତି, ଏହିପରି ପରିବର୍ତ୍ତନ ଆସିଥାଏ ବୋଲି କହନ୍ତୁ। ଯୀଶୁ ଜଗତର ଜ୍ୟୋତିଃ। ଅନ୍ଧକାର ଦୂର କରିବାକୁ କେବଳ ଯୀଶୁ ସକ୍ଷମ ଅଟନ୍ତି।


# ପାଠ 14

## ମୁଖସ୍ଥ ପଦ ଧନ୍ଦା




***ଯୀଶୁ ତୁମକୁ ମୁକ୍ତି ଦିଅନ୍ତି, ଭାବଧାରା ଶିକ୍ଷା ଦେଉଥିବା ପଦ ବ୍ୟବହାର କରନ୍ତୁ!***

**ଯୋହନ 8:36** *'ତେଣୁ ଯଦି ସେହି ପୁତ୍ର ତୁମ୍ଭକୁ ମୁକ୍ତି ଦିଅନ୍ତି, ତେବେ ତୁମ୍ଭେ ପ୍ରକୃତରେ ମୁକ୍ତି ପାଇବ।'*



**ଚିତ୍ର ମାଧ୍ୟମରେ ଶବ୍ଦ-ଧନ୍ଦା:** ଖଣ୍ଡେ କାଗଜରେ ଲେଖନ୍ତୁ 'ତେଣୁ ଯଦି ସେହି ପୁତ୍ର (ଯୀଶୁ)', ଅନ୍ୟ କାଗଜରେ ଚିତ୍ର ଆଙ୍କନ୍ତୁ 'କ୍ରୁଶ ସହିତ ଯୀଶୁ,' ଅନ୍ୟ କାଗଜରେ ଲେଖନ୍ତୁ 'ତୁମ୍ଭକୁ ମୁକ୍ତି ଦିଅନ୍ତି,' ଅନ୍ୟ କାଗଜରେ ଚିତ୍ର ଆଙ୍କନ୍ତୁ 'ଜଣେ ବ୍ୟକ୍ତିର ବନ୍ଧନ ଯୀଶୁ ଖୋଲି ଦେଉଛନ୍ତି,' ଆଉ ଖଣ୍ଡେ କାଗଜରେ ଲେଖନ୍ତୁ 'ତେବେ ତୁମ୍ଭେ ପ୍ରକୃତରେ ମୁକ୍ତ।" ଓ ଅନ୍ୟ କାଗଜରେ ଚିତ୍ର ଆଙ୍କନ୍ତୁ 'ଜଣେ ମୁକ୍ତି ପାଇଥିବା ବ୍ୟକ୍ତି' ଇତ୍ୟାଦି କରନ୍ତୁ।



ପିଲାମାନେ ଆସିବା ପୂର୍ବରୁ ପ୍ରତିଟି କାଗଜ ଖଣ୍ଡକୁ ବିଭିନ୍ନ ସ୍ଥାନରେ ଲୁଗ୍ଚାଇ ରଖନ୍ତୁ।

ପିଲାଙ୍କୁ କହନ୍ତୁ, ତୁମ୍ଭମାନଙ୍କ ପାଇଁ ଏକ ବିଶେଷ ସମ୍ବାଦ ଅଛି। ତାହା ଆସି ତୁମ୍ଭମାନଙ୍କୁ ଅନୁସନ୍ଧାନ କରିବାକୁ ପଡ଼ିବ। ଛଅ ଗୋଟି ବିଭିନ୍ନ କାଗଜଖଣ୍ଡ ଏହି ସ୍ଥାନରେ ଲୁଗ୍ଚାଇ ରଖାଯାଇଛି (କୋଠରୀ, ଘର, ଗୀର୍ଜାଗୃହ, କିମ୍ବା ଗ୍ରାମପରିସୀମା)। ପ୍ରତ୍ୟେକ କାଗଜ ଖଣ୍ଡରେ ସମ୍ପୂର୍ଣ୍ଣ ସମ୍ବାଦର କିଛି ଅଂଶ ରହିଅଛି।

1, 2, 3 ଲୁକ୍କାୟିତ ସମ୍ବାଦ ଖୋଜିବାକୁ ଆରମ୍ଭ କରନ୍ତୁ...

ପିଲାମାନେ ଯେତେବେଳେ ଛଅଟି ଯାକ କାଗଜ ଖଣ୍ଡ ପାଇଯିବେ, ଚିତ୍ର ସଙ୍ଗେ ଶବ୍ଦସବୁ ସଠିକ୍ ସଜାଇ ରଖିବାକୁ କହନ୍ତୁ। ଯଦି ପିଲାମାନେ ଏପର୍ଯ୍ୟନ୍ତ ପଢ଼ିବା ଜାଣି ନାହାନ୍ତି, ତେବେ ଆପଣ ପିଲାଙ୍କ ସ୍ମରଣାର୍ଥେ ଚିତ୍ର ଆଡ଼କୁ ଦର୍ଶାଇ କହନ୍ତୁ। ଶବ୍ଦ / ଚିତ୍ରସବୁ କ୍ରମାନ୍ୱୟରେ ସଜାଡ଼ିବା ପାଇଁ ପିଲାଙ୍କୁ କହି ମୁଖସ୍ଥ ପଦ ବାରମ୍ବାର ଆପଣଙ୍କ ପରେ ପରେ ମନେ ରଖିବା ପର୍ଯ୍ୟନ୍ତ କହିବାକୁ ଦିଅନ୍ତୁ।

## ବ୍ୟବହାରିକ କାର୍ଯ୍ୟକାରିତା

ଯୀଶୁ ତୁମକୁ ମୁକ୍ତି ଦିଅନ୍ତି!

***ଯୀଶୁ ତୁମକୁ ମୁକ୍ତି ଦିଅନ୍ତି, ର କାର୍ଯ୍ୟକାରିତାକୁ ବ୍ୟବହାର କରନ୍ତୁ!***

ଅନ୍ଧକାର ଶକ୍ତିକୁ ଦୂର କରି, ଯୀଶୁ ଆମ୍ଭମାନଙ୍କୁ ସମସ୍ତ ମନ୍ଦତାରୁ ମୁକ୍ତ କରନ୍ତି। ଯୀଶୁ, ଆମ୍ଭମାନଙ୍କ ଜୀବନରୁ ସମସ୍ତ ଅନ୍ଧକାର ଦୂର କରନ୍ତି। ସମସ୍ତ ମନ୍ଦ ବିଷୟ, ଯାହା ଆମକୁ ବାନ୍ଧି ରଖିପାରେ, ଏବଂ ଫାନ୍ଦରେ ପକାଇପାରେ, ଯୀଶୁ ସେ ସମସ୍ତ ବିଷୟ ଦୂର କରନ୍ତି। ଯୀଶୁ ଆମକୁ ମୁକ୍ତ କରନ୍ତି!

**ପ୍ରାର୍ଥନା:** ଜଣେ ବା ଦୁଇଜଣ ପିଲାଙ୍କୁ ଧନ୍ୟବାଦର ପ୍ରାର୍ଥନା କରିବାପାଇଁ କହନ୍ତୁ, କାରଣ ଯୀଶୁ ସେମାନଙ୍କୁ ସମସ୍ତ ମନ୍ଦ ବିଷୟରୁ ମୁକ୍ତ କରିଛନ୍ତି।